# NATIONAL NEWS BULLETIN (ODIA)

## 22 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ କରିବା ନେଇ ସାଇପ୍ରସ ରାଷ୍ଟ୍ରପତିଙ୍କ ସହ ଆଜି ବୈଠକ କରିବେ ପ୍ରଧାନମନ୍ତ୍ରୀ ମୋଦୀ ।
- ଭାରତର ଆବଶ୍ୟକତା ଅନୁଯାୟୀ ଇନ୍ଧନ ବିକ୍ରୟ ଲାଗି ଆମେରିକା ପ୍ରସ୍ତୁତ ଥିବା କହିଛନ୍ତି ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ।
- ପୁଲୱାମା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ହମ୍‌ଜା ବୁରହାନ୍ ନିହତ ।
- ଆର୍.ଜି. କର ମେଡିକାଲ୍ କଲେଜ୍ ଛାତ୍ରୀ ମୃତ୍ୟୁ ମାମଲାରେ ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବାକୁ କୋଲକାତା ହାଇକୋର୍ଟ୍‌ଙ୍କ ନିର୍ଦ୍ଦେଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮୯ରନ୍‌ରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ ।

# ପିଏମ୍-ସାଇପ୍ରସ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ସାଇପ୍ରସର ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲାଇଡ୍ସଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଗତକାଲି ସାଇପ୍ରସ ରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବା ପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତିଙ୍କ ସହ ଏକ ଉଚ୍ଚସ୍ତରୀୟ ମନ୍ତ୍ରୀ, ଅଧିକାରୀ ଓ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସିଛନ୍ତି । ସାଇପ୍ରସ ରାଷ୍ଟ୍ରପତିଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ ।

ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସାଇପ୍ରସ ରାଷ୍ଟ୍ରପତି ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ମତବିନିମୟ କରିବେ । ଆଲୋଚନାରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସଂସ୍କୃତି, ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତା, ନବସୃଜନ ଓ ଗବେଷଣା ଉପରେ ଗୁରୁତ୍ୱ ଦିଆଯିବ । ବିଭିନ୍ନ ବିଶ୍ୱସ୍ତରୀୟ ତଥା ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେ ଉଭୟ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷର ହେବ । ଶ୍ରୀ ମୋଦୀ ଆଜି ଅପରାହ୍ଣରେ ସାଇପ୍ରସ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ଭୋଜନର ଆୟୋଜନ କରିଛନ୍ତି । ସନ୍ଧ୍ୟାରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାଇପ୍ରସ

ରାଷ୍ଟ୍ରପତି ସାକ୍ଷାତ କରିବେ । ଆସନ୍ତା ବର୍ଷ ଫେବୃୟାରୀରେ ଭାରତ ଓ ସାଇପ୍ରସ କୂଟନୈତିକ ସମ୍ପର୍କର ୬୫ ବର୍ଷ ପୂରଣ କରିବେ ।

## ମାର୍କ ରୁବିଓ-ଇଣ୍ଡିଆ ଏନର୍ଜି

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ କହିଛନ୍ତି, ଭାରତର ଆବଶ୍ୟକତା ଅନୁଯାୟୀ ଆମେରିକା ଇନ୍ଧନ ବିକ୍ରୟ ଲାଗି ପ୍ରସ୍ତୁତ ରହିଛି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ଭାରତରେ ଶକ୍ତି ସଂକଟ ସମ୍ବନ୍ଧିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରୁବିଓ ଏହା କହିଛନ୍ତି । ସେ ସ୍ୱିଡେନ୍ ଏବଂ ଭାରତ ଗସ୍ତରେ ଆସୁଛନ୍ତି ।

ଅନ୍ୟ ପକ୍ଷରେ ଭାରତକୁ ଏକ ବୃହତ ସହଭାଗି ବୋଲି ବର୍ଣ୍ଣନା କରି ଶ୍ରୀ ରୁବିଓ କହିଛନ୍ତି, ଏହି ଗସ୍ତ କାଳରେ କ୍ୱାଡ୍ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳିବ । ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀ ରୁବିଓ ଭାରତ ଗସ୍ତରେ ଆସି କୋଲକାତା, ଆଗ୍ରା, ଜୟପୁର ଏବଂ ନୂଆଦିଲ୍ଲୀ ଗସ୍ତ କରିବେ । ୨୬ ତାରିଖରେ ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଭାଗ ନେବେ ।

## ଆଇବିଏ ସମିଟ୍ ସ୍ଥଗିତ

ନୂଆଦିଲ୍ଲୀରେ ଆସନ୍ତା ମାସ ୧ ତାରିଖରେ ପ୍ରସ୍ତାବିତ ପ୍ରଥମ ଆନ୍ତର୍ଜାତିକ ବିଗ୍ କ୍ୟାଟ୍ ଆଲାଏନ୍ସ – **IBCA** ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ସୂଚନା ଅନୁଯାୟୀ ଆଫ୍ରିକୀୟ ସଂଘ ଏବଂ ଆଫ୍ରିକୀୟ ୟୁନିୟନ୍ କମିଶନ୍ଙ୍କ ସହ ଆଲୋଚନା ପରେ ଚତୁର୍ଥ ଭାରତ-ଆଫ୍ରିକା ଶିଖର ସମ୍ମିଳନୀ ପରବର୍ତ୍ତୀ ସମୟରେ ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯିବା ପରେ ବିଗ୍ କ୍ୟାଟ୍ ଆଲାୟନ୍ସ ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ସମୟରେ ସମ୍ମିଳନୀ ଆୟୋଜନ ନେଇ ତାରିଖ ସ୍ଥିର କରାଯିବ ବୋଲି ଜଣାପଡ଼ିଛି ।

## ପୁଲଓ୍ୱାମା ମାଷ୍ଟର ମାଇଣ୍ଡ କିଲ୍ଡ

୨୦୧୯ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ହମଜା ବୁରହାନ ଗତକାଲି ପାକିସ୍ତାନ ଅଧିକୃତ କାଶ୍ମୀରରେ ଅଜ୍ଞାତ ବନ୍ଧୁକଧାରୀମାନଙ୍କ ଗୁଳିରେ ନିହତ ହୋଇଛି। ଅଲ୍ ବଦର ଆତଙ୍କବାଦୀ ଗୋଷ୍ଠୀର କମାଣ୍ଡର ବୁରହାନ ଓରଫ ଅର୍ଜୁମନ୍ଦ ଗୁଲଜାର ଡାର ଓରଫ ଡାକ୍ତରଙ୍କୁ, ଜମ୍ମୁ ଓ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ପାଇଁ ଭାରତ ୨୦୨୨ ଏପ୍ରିଲରେ ଆତଙ୍କବାଦୀ

ଘୋଷଣା କରିଥିଲା । ପୁଲୱାମା ଆକ୍ରମଣ ପରେ ସେ ପିଓକେରେ ଶିକ୍ଷକ ଭାବରେ ଗୁପ୍ତ ଭାବରେ ରହୁଥିଲା । ପୋଲିସ ସୂଚନା ଅନୁଯାୟୀ, ମୁଜାଫରାବାଦର ଗୋଜରାସ୍ଥିତ ଏକ ଘରୋଇ କଲେଜର ଅଧ୍ୟକ୍ଷ ବୁରହାନ ଗତକାଲି ସକାଳେ କଲେଜରୁ ବାହାରକୁ ଆସିବା ସମୟରେ ତାଙ୍କ ଉପରକୁ ଆକ୍ରମଣକାରୀମାନେ ଅତି ନିକଟରୁ ଗୁଳି ଚଳାଇଥିଲେ । ବୁରହାନର ମୁଣ୍ଡରେ ତିନୋଟି ଗୁଳି ବାଜିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଭେଣ୍ଟିଲେଟରରେ ରଖାଯାଇଥିଲା । ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା ଏବଂ ଆକ୍ରମଣରେ ବ୍ୟବହୃତ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି । ସେହି ବ୍ୟକ୍ତି ଜଣଙ୍କ ମୋଟରସାଇକେଲରେ ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ ।

୧୯୯୯ ମସିହାରେ ଜନ୍ମଗ୍ରହଣ କରିଥିବା ଡାର' ଜମ୍ମୁ ଏବଂ କାଶ୍ମୀରର ପୁଲୱାମାର ରତ୍ନିପୋରାର ବାସିନ୍ଦା ଥିଲେ । ସେ ବୈଧ କାଗଜପତ୍ରରେ ପାକିସ୍ତାନ ଯାଇଥିଲେ, ଯେଉଁଠାରେ ସେ ଅଲ୍ ବଦର ଆତଙ୍କବାଦୀ ଗୋଷ୍ଠୀରେ ଯୋଗ ଦେଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଡାର ଜଣେ ସକ୍ରିୟ ଆତଙ୍କବାଦୀ ଏବଂ ଅଲ୍ ବଦରର କମାଣ୍ଡର ଥିଲା । ପାକିସ୍ତାନ ଯିବା ପରଠାରୁ, ଡାର ଯୁବକମାନଙ୍କୁ ଅଲ୍

ବଦରରେ ଯୋଗଦେବାକୁ ପ୍ରବର୍ତ୍ତାଉ ଥିଲା ଏବଂ ସଂଗଠନର ଆତଙ୍କବାଦୀ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇ ଆସୁଥିଲା ।

## ଆଇଆର୍‌ସିଟିସି-ଗୋଲଡେନ୍ ଚାରିୟଟ୍

ଭାରତୀୟ ରେଳବାଇର କ୍ୟାଟରିଂ ଓ ଟୁରିଜିମ୍ କର୍ପୋରେସନ୍ – **IRCTC** ୨୦୨୬-୨୭ ପର୍ଯ୍ୟଟନ ଋତୁ ପାଇଁ ଗୋଲଡେନ୍ ଚାରିୟଟ୍ ଲକ୍ସରି ଟ୍ରେନ୍ ସେବା ଆରମ୍ଭ କରିବା ନେଇ ଘୋଷଣା କରିଛି । ଏଥିରେ ଦକ୍ଷିଣ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପ୍ରାକୃତିକ ଦୃଶ୍ୟ ପ୍ରଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ସୂଚନା ଅନୁଯାୟୀ ଗୋଲଡେନ୍ ଚାରିୟଟ୍ ଟ୍ରେନ୍‌ରେ ଅତ୍ୟାଧୁନିକ ଆରାମ ବ୍ୟବସ୍ଥା, ସ୍ମାର୍ଟ୍ ଟିଭି, ଓ୍ୱାଇଫାଇ, ସିସିଟିଭି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇଛି । ଏଥିରେ ଥିବା ୪୦ଟି କ୍ୟାବିନ୍‌ରେ ୮୦ ଜଣ ରହିପାରିବେ । ଏହା ବ୍ୟତୀତ ଆଗାମୀ ପର୍ଯ୍ୟଟନ ଋତୁ ପାଇଁ ତିନୋଟି ସ୍ୱତନ୍ତ୍ର ଯାତ୍ରା କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । ସେଗୁଡ଼ିକ ହେଉଛି, ପ୍ରାଇଡ୍ ଅଫ୍ କର୍ଣ୍ଣାଟକ, ଜୁଏଲ୍ସ ଅଫ୍ ସାଉଥ୍ ଓ ଗ୍ଲିମ୍ପ୍‌ସେସ୍ ଅଫ୍ କର୍ଣ୍ଣାଟକ ।

## ଜେକେ-ଭବନ

ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଶ୍ରୀ ମାତା ବୈଷ୍ଣବଦେବୀ ମନ୍ଦିରରେ ନିର୍ମିତ ବୈଷ୍ଣବୀ ଭବନକୁ ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଫଳରେ ପବିତ୍ର ଗୁମ୍ଫା ମନ୍ଦିରରେ ତୀର୍ଥ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ମିଳିପାରିବ । ବୈଷ୍ଣବୀ ଭବନରେ ଅଧିକ ସଂଖ୍ୟାର ତୀର୍ଥ ଯାତ୍ରୀମାନଙ୍କ ରହିବା ବ୍ୟବସ୍ଥା କରାଯାଇଥିବା ବେଳେ ସେଥିରେ ଅତ୍ୟାଧୁନିକ ସୁବିଧା ସୁଯୋଗ କରାଯାଇଛି । ପ୍ରାୟ ୪୫ ହଜାର ୭୮୪ ସ୍କୋୟାର୍ ଫୁଟ୍‌ରୁ ଅଧିକ ଅଞ୍ଚଳରେ ନିର୍ମିତ ନୂଆ ବୈଷ୍ଣବୀ ଭବନରେ ୭୮ଟି କୋଠରୀ ରହିଛି ।

## କ୍ୟାବିନେଟ୍ ସେକ୍ରେଟେରୀ ଆପଏଣ୍ଟମେଣ୍ଟ

ମଣିପୁର ପୋଲିସ ମୁଖ୍ୟ ରାଜୀବ ସିଂହଙ୍କୁ କ୍ୟାବିନେଟ ସଚିବାଳୟରେ ସୁରକ୍ଷା ସଚିବ ଭାବରେ ନିଯୁକ୍ତ କରାଯାଇଛି। କାର୍ମିକ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, କ୍ୟାବିନେଟ ନିଯୁକ୍ତି କମିଟି ଶ୍ରୀ ସିଂହଙ୍କୁ କ୍ୟାବିନେଟ ସଚିବାଳୟରେ ସୁରକ୍ଷା ସଚିବ ପଦବୀରେ ନିଯୁକ୍ତିକୁ ଅନୁମୋଦନ କରିଛି। ସୁରକ୍ଷା ସଚିବ ହେଉଛନ୍ତି ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ-SPGର ପ୍ରଶାସନିକ ମୁଖ୍ୟ ଯିଏ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସରକାରୀ

ବାସଭବନରେ ତାଙ୍କ ସହିତ ରହୁଥିବା ତାଙ୍କ ପରିବାରର ସଦସ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି ।

୧୯୯୩ ବ୍ୟାଚ୍ ତ୍ରିପୁରା କ୍ୟାଡରର ଆଇପିଏସ୍ ଅଧିକାରୀ ଶ୍ରୀ ସିଂହ ୨୦୧୩ ଜୁନ୍ ୧ ଠାରୁ ମଣିପୁରର ପୋଲିସ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି ।

## ରେଲୱେ-ଆଲର୍ଟ୍

ଦେଶରେ ରେଳ ଭିତ୍ତିଭୂମି ଏବଂ ଟ୍ରେନ୍ ପରିଚାଳନାକୁ ଲକ୍ଷ୍ୟ କରି ହେଉଥିବା ଆକ୍ରମଣ ପରିପ୍ରେକ୍ଷୀରେ ରେଳ ମନ୍ତ୍ରଣାଳୟ ଯାତ୍ରୀମାନଙ୍କୁ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେଇଛି । ଗତକାଲି ନୂଆଦିଲ୍ଲୀ ରେଳଭବନରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ଏହି ପରାମର୍ଶ ଦିଆଯାଇଛି । ରେଳ ଯାତ୍ରା ସମୟରେ ଏବଂ ରେଳବାଇ ପରିସର ମଧ୍ୟରେ ଯେକୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ କିମ୍ବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ସହାୟତା ନମ୍ବର ୧୩୯କୁ କଲ୍ କରି ରିପୋର୍ଟ୍ କରିବାକୁ ରେଳବାଇ ଯାତ୍ରୀମାନଙ୍କୁ ଅନୁରୋଧ କରିଛି । ବୈଠକରେ ରେଳ ବିଭାଗର ସମୟୋଚିତ ପଦକ୍ଷେପ କେତେକ ବଡ଼ ଦୁର୍ଘଟଣାକୁ ରୋକିବାରେ ସଫଳ ହୋଇଥିବା କୁହାଯାଇଛି । ରେଳବାଇର ସୂଚନା ଅନୁଯାୟୀ ଯାତ୍ରୀ, ଟ୍ରେନ୍,

ରେଳ ଷ୍ଟେସନ୍ ଏବଂ ରେଳ ନେଟ୍‌ୱାର୍କର ସୁରକ୍ଷା ସୁଦୃଢ଼ କରିବା ଲାଗି କୃତ୍ରିମ ବୁଦ୍ଧିମତ୍ତା, ଡ୍ରୋନ୍ ଓ ସିସିଟିଭିର ବ୍ୟାପକ ବ୍ୟବହାର କରାଯାଉଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର କରି ତଥ୍ୟ ସଂଗ୍ରହ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି ।

## ଇଣ୍ଡିଆ-ଫ୍ରାନ୍ସ ମାରିଟାଇନ୍

ପ୍ୟାରିସ୍‌ରେ ଗତକାଲି ଅଷ୍ଟମ ଭାରତ-ଫ୍ରାନ୍ସ ସାମୁଦ୍ରିକ ସହଯୋଗ ବୈଠକ ଅନୁଷ୍ଠିତ ହୋଇଛି । ଜାତୀୟ ସୁରକ୍ଷା ପରିଷଦ ସଚିବାଳୟର ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା ପବନ କାପୁର ଓ ଫ୍ରାନ୍ସର ସଶସ୍ତ୍ର ବାହିନୀ ମନ୍ତ୍ରଣାଳୟର ଆନ୍ତର୍ଜାତିକ ସମ୍ପର୍କ ଓ ରଣନୀତି ନିର୍ଦ୍ଦେଶକ ଗୁଇଲାମ ଓଲାଙ୍ଗନିୟର୍ ଏବଂ ୟୁରୋପ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୁରକ୍ଷା ନିର୍ଦ୍ଦେଶକ କ୍ଲେୟର୍ ରାଉଲିନ୍ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ ।

ଆଲୋଚନାରେ ଜଳଦସ୍ୟୁ ଓ ସଶସ୍ତ୍ର ଡକାୟତି, ସାମୁଦ୍ରିକ ଆତଙ୍କବାଦ, ନିଶା କାରବାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହ ଅବୈଧ ସାମୁଦ୍ରିକ କାର୍ଯ୍ୟକଳାପର ମୁକାବିଲା ଲାଗି ଦେଶ ଦେଶ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭାରତ ଓ ଫ୍ରାନ୍ସ ସାମୁଦ୍ରିକ ସୁରକ୍ଷା କ୍ଷେତ୍ର ଉପରେ

ଥିବା ସହଯୋଗକୁ ଆହୁରି ଦୃଢ଼ କରିବା ଲାଗି ରାଜି ହୋଇଥିଲେ । ଚଳିତ ବର୍ଷ ଜାନୁଆରୀରେ ଭାରତ ଓ ଫ୍ରାନ୍ସର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର ସମୀକ୍ଷା କରାଯାଇଥିଲା ।

## ଇଣ୍ଟରନ୍ୟାସନାଲ୍-ବାୟୋଲୋଜିକାଲ୍ ଡେ

ତୃଣମୂଳ ସ୍ତରରୁ ପ୍ରାକୃତିକ ବିବିଧତାର ସଂରକ୍ଷଣ ଆରମ୍ଭ କରିବା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ପାଳନ କରାଯାଉଛି । କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ଜୈବ ବିବିଧତାର ସୁରକ୍ଷା କେବଳ ବିଶ୍ୱସ୍ତରୀୟ ପ୍ରତିବଦ୍ଧତା ନୁହେଁ ବରଂ ସମସ୍ତ ନାଗରିକ, ଅନୁଷ୍ଠାନ ଓ ସରକାରଙ୍କ ଦାୟିତ୍ୱ । ଚଳିତ ବର୍ଷର ବିଷୟବସ୍ତୁ ‘ବିଶ୍ୱରେ ପ୍ରଭାବ ପାଇଁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରିବା’ ବାର୍ତ୍ତା ନେଇ ଆଜିର ଦିବସରେ ଭାରତ ଏ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ହର୍ଷ ବର୍ଦ୍ଧନ କରିଛନ୍ତି । ସେ କହିଛନ୍ତି, ମନ୍ କି ବାତ୍ ଭଳି କାର୍ଯ୍ୟକ୍ରମର ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ସମ୍ପର୍କରେ ବିଶ୍ୱବାସୀ ଅବଗତ ହୋଇଛନ୍ତି । ମିଶନ୍ ଲାଇଫ୍ ପଦକ୍ଷେପ ମାଧ୍ୟମରେ ବିଶ୍ୱ ଜୈବ ବିବିଧତା ଲକ୍ଷ୍ୟକୁ

ପୂରଣ କରିବା ଦିଗରେ ଭାରତ ପ୍ରତିବଦ୍ଧତା ପ୍ରକାଶ କରିଛି ବୋଲି ଶ୍ରୀ ହର୍ଷ ବର୍ଦ୍ଧନ କରିଛନ୍ତି ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୮୯ ରନରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ଗୁଜରାଟ ଟାଇଟାନ୍ସ ଦ୍ୱାରା ଧାର୍ଯ୍ୟ ୨୩୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ସୁପର କିଙ୍ଗସ ୧୩ ଓଭର ୪ଟି ବଲରେ ସମସ୍ତ ଓ୍ୱିକେଟ ହରାଇ ୧୪୦ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୨୨୯ ରନ କରିଥିଲା। ମହମ୍ମଦ ସିରାଜଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଆଜି, ହାଇଦରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିଅମରେ ସନ୍ଧ୍ୟା ୭ଟା ୩୦ରେ ସନରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।